# NATIONAL NEWS BULLETIN (ODIA)

**16 April- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ନେଇ ଭାରତ ଓ ଆମେରିକା ମଧ୍ୟରେ ଚଳିତ ସପ୍ତାହରେ ହେବ ଆଲୋଚନା
- ପଶ୍ଚିମବଙ୍ଗର ମୁର୍ଶିଦାବାଦ ହିଂସାକାଣ୍ଡ ଘଟଣାରେ ତଦନ୍ତ କମିଟି ଗଠନ କଲେ ଜାତୀୟ ମହିଳା ଆୟୋଗ
- ନ୍ୟାଶନାଲ୍ ହେରାଲ୍ଡ ମାମଲାରେ କଂଗ୍ରେସ ପକ୍ଷରୁ ଇଡିକୁ ଭୟଭୀତ କରିବାକୁ ଚେଷ୍ଟା କରାଯାଉଛି ବୋଲି ବିଜେପିର ଅଭିଯୋଗ
- ଜାତିସଂଘ ନିରାପତ୍ତା ପରିଷଦରେ ଧର୍ମ ଆଧାରିତ ଆସନ ଆବଣ୍ଟନ ପ୍ରସ୍ତାବକୁ ବିରୋଧ କଲା ଭାରତ

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଦିଲ୍ଲୀ କ୍ୟାପିଟାଲ୍‌ସ ଓ ରାଜସ୍ଥାନ ରୟାଲ୍‌ସ ମଧ୍ୟରେ ହେବ ମୁକାବିଲା

---

## ଇଣ୍ଡିଆ-ୟୁଏସ୍ ଟ୍ରେଡ୍

ଭାରତ-ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ନେଇ ଚଳିତ ସପ୍ତାହରେ ଆଲୋଚନା କରାଯିବ । ଏହି ଚୁକ୍ତି ପାଇଁ ପ୍ରଥମ ପର୍ଯ୍ୟାୟ ଟର୍ମସ୍ ଅଫ୍ ରେଫରେନ୍ସ ରେ ଉଭୟ ପକ୍ଷ ସ୍ୱାକ୍ଷର କରିଛନ୍ତି । ନୂଆଦିଲ୍ଲୀଠାରେ ଏ ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ବାଣିଜ୍ୟ ଓ

ଶିଳ୍ପ ସଚିବ ସୁନୀଲ ବର୍ଥୱାଲ୍ କହିଛନ୍ତି, ପାରସ୍ପରିକ ଲାଭଦାୟକ ବହୁକ୍ଷେତ୍ରୀୟ ଦ୍ୱିପାକ୍ଷିକ ବାଣିଜ୍ୟ ବୁଝାମଣା ଦିଗରେ ପରବର୍ତ୍ତୀ ପଦକ୍ଷେପ ସଂପର୍କରେ ଉଭୟ ପକ୍ଷ ସହମତ ହୋଇଛନ୍ତି । ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ବର୍ତ୍ତମାନର ଶୁଳ୍କ ନୀତିକୁ ଦୃଷ୍ଟିରେ ରଖି ଭାରତ ଚିନ୍ତିତ ଥିବାବେଳେ ଏଥିରେ ସୁଯୋଗ ମଧ୍ୟ ରହିଛି ବୋଲି ସେ କହିଛନ୍ତି । ଆମେରିକା ସହ ଭାରତ ବାଣିଜ୍ୟ ଉଦାରୀକରଣର ବାଟ ଆପଣାଇଛି ବୋଲି ସେ ସୂଚନା ଦେଇଛନ୍ତି । ଆସନ୍ତା ୫ ବର୍ଷ ମଧ୍ୟରେ ଆମେରିକାର ସହ ଭାରତର ବାଣିଜ୍ୟ କାରବାର ୫ଶହ ବିଲିୟନ ଡଲାରକୁ ବୃଦ୍ଧି ପାଇବ ବୋଲି ଶ୍ରୀ ବର୍ଥୱାଲ କହିଛନ୍ତି ।

## ଇନ୍‌କମ୍ ଟ୍ୟାକ୍ସ ମିଟିଂ

ନୂତନ ଆୟକର ବିଲ୍-୨୦୨୫ ନେଇ ଲୋକସଭା ସିଲେକ୍ଟ କମିଟିର ବୈଠକ ଆଜି ନୂଆଦିଲ୍ଲୀସ୍ଥିତ ସଂସଦ ଭବନରେ ଅନୁଷ୍ଠିତ ହୋଇଛି । ବିଜେପି ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ୩୧ ଜଣ ସଦସ୍ୟ ଅଛନ୍ତି । ଆୟକର ସଂକ୍ରାନ୍ତ ଆଇନକୁ ଅଧିକ ସୁଦୃଢ଼ କରିବା ଏବଂ ସଂଶୋଧନ ମାଧ୍ୟମରେ ଏହାକୁ ଅଧିକ ସରଳ କରିବାର ଲକ୍ଷ୍ୟ ରଖାଯାଇଛି । ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଲୋକସଭା ସିଲେକ୍ଟ କମିଟି ତା'ର ରିପୋର୍ଟ ଦାଖଲ କରିବାର ଆଶା କରାଯାଉଛି ।

ସୂଚନାଯୋଗ୍ୟ, ଗତ ବଜେଟ ଅଧିବେଶନରେ ଏହି ବିଲ୍‌କୁ ଲୋକସଭାରେ ଆଗତ କରାଯାଇଥିଲା । ଅଧିକ ବିଚାର ବିମର୍ଶ ପାଇଁ ଏହି ବିଲ୍‌କୁ ଲୋକସଭା ସିଲେକ୍ଟ କମିଟିକୁ ପଠାଯାଇଥିଲା ।

# ଏନ୍‌ସିଡବ୍ଲୁ-ମୁର୍ଶିଦାବାଦ

ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାରେ ହୋଇଥିବା ହିଂସାକାଣ୍ଡର ତଦନ୍ତ ପାଇଁ ଜାତୀୟ ମହିଳା ଆୟୋଗ ଏକ ତଦନ୍ତ କମିଟି ଗଠନ କରିଛନ୍ତି । ଆୟୋଗର ଅଧ୍ୟକ୍ଷା ବିଜୟା ରାହତ୍‌କରଙ୍କ ନେତୃତ୍ୱରେ ଗଠିତ ୪ ଜଣିଆ କମିଟି ମୁର୍ଶିଦାବାଦର ହିଂସା ପ୍ରଭାବିତ ଅଞ୍ଚଳକୁ ପରିଦର୍ଶନରେ ଯିବେ । ସେଠାରେ ପ୍ରଭାବିତ ପରିବାର ଏବଂ ଜିଲ୍ଲାପାଳ ଓ ପୋଲିସ୍ ଅଧିକାରୀଙ୍କ ସହ ଆଲୋଚନା କରିବେ । ମୁର୍ଶିଦାବାଦର ହିଂସା ପ୍ରଭାବିତ ଲୋକ ରହୁଥିବା ମାଲ୍‌ଦା ର ଶିବିରକୁ ମଧ୍ୟ ଏହି କମିଟି ପରିଦର୍ଶନରେ ଯାଇ ମତ ସଂଗ୍ରହ କରିବେ । ମୁର୍ଶିଦାବାଦ ଜିଲ୍ଲାର ମନ୍ଦିର୍‌ପଡ଼ା ଅଞ୍ଚଳରେ ହିଂସାକାଣ୍ଡ ସମୟରେ ଅନେକ ମହିଳା ଅସଦାଚରଣର ଶିକାର ହୋଇଥିବା ଅଭିଯୋଗକୁ ଆୟୋଗ ନିଜ ପକ୍ଷରୁ ଗ୍ରହଣ କରି ଏହି ନିଷ୍ପତ୍ତି ନେଇଛନ୍ତି ।

---

# ବିଜେପି-ହେରାଲ୍‌ଡ

ନ୍ୟାଶନାଲ୍ ହେରାଲ୍‌ଡ ମାମଲାରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ ହେବା ପରେ ଦଳ ପକ୍ଷରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ଭୟଭୀତ କରିବାକୁ ଚେଷ୍ଟା କରାଯାଉଛି ବୋଲି ବିଜେପି ଅଭିଯୋଗ କରିଛି । ବିଜେପିର ବରିଷ୍ଠ ନେତା ରବିଶଙ୍କର ପ୍ରସାଦ ନୂଆଦିଲ୍ଲୀଠାରେ ଆଜି ଗଣମାଧ୍ୟମକୁ ସମ୍ବୋଧନ କରି କହିଛନ୍ତି, ନ୍ୟାଶନାଲ୍ ହେରାଲ୍‌ଡ ମାମଲାରେ ଇଡିର କାର୍ଯ୍ୟାନୁଷ୍ଠାନ ଏକ ଆଇନଗତ ପ୍ରକ୍ରିୟା । ତେବେ କଂଗ୍ରେସ ଦଳ ପକ୍ଷରୁ ପ୍ରତିବାଦ ମାଧ୍ୟମରେ ଏଥିରେ ବାଧା ସୃଷ୍ଟିକରାଯିବାକୁ ଚେଷ୍ଟା କରାଯାଉଛି । କଂଗ୍ରେସ ନିଜ ଶାସନ କାଳରେ ଏହି ମାମଲାରେ ବିପୁଳ

ଋଣ ଛାଡ଼ କରିବା ପାଇଁ ଅଧିକାରୀଙ୍କୁ ଲାଞ୍ଚ ଦେଇଥିବା ଶ୍ରୀ ପ୍ରସାଦ ଅଭିଯୋଗ କରିଛନ୍ତି ।

**V/O**

ଅନ୍ୟପକ୍ଷରେ, ଦଳର ବରିଷ୍ଠ ନେତାଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲକୁ ନେଇ  କଂଗ୍ରେସ ଦଳ ପକ୍ଷରୁ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଇଡିର ଏହି କାର୍ଯ୍ୟାନୁଷ୍ଠାନ ପ୍ରତିଶୋଧ ମୂଳକ ରାଜନୀତି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି । ସୂଚନାଯୋଗ୍ୟ ଏହି ମାମଲାରେ ଦିଲ୍ଲୀର ରାଉଜ୍ ଆଭିନ୍ୟୁ କୋର୍ଟରେ ଇଡି ପକ୍ଷରୁ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ନାମରେ ଚାର୍ଜସିଟ୍ ଦାଖଲ ହୋଇଛି ।

---

## ଇଡି-ଭଦ୍ରା

ହରିଆଣାର ଏକ ଜମି କାରବାର ମାମଲାରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସ୍ୱାମୀ ରବର୍ଟ ଭଦ୍ରାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆଜି ଲଗାତାର ଦ୍ୱିତୀୟ ଦିନ ପାଇଁ ଜେରା କରିଛି । ନୂଆଦିଲ୍ଲୀସ୍ଥିତ ଇଡି କାର୍ଯ୍ୟାଳୟରେ ତାଙ୍କୁ ପଚରାଉଚରା ଚାଲିଛି । ଶ୍ରୀ ଭଦ୍ରାଙ୍କ କମ୍ପାନୀ ଦ୍ୱାରା ଗୁରୁଗ୍ରାମରେ ଏକ ବେଆଇନ ଜମି କାରବାର ହୋଇଥିବା ନେଇ ଅଭିଯୋଗ ରହିଛି । ଗତକାଲି ମଧ୍ୟ ଇଡି ପକ୍ଷରୁ ଶ୍ରୀ ଭଦ୍ରାଙ୍କୁ ପଚରାଉଚରା କରାଯାଇଥିଲା ।

---

## ଜି୪-ରିଲିଜିୟସ୍ ରିପ୍ରେଜେଣ୍ଟେସନ୍

ଜାତିସଂଘ ନିରାପତ୍ତା ପରିଷଦରେ ଧର୍ମ ଆଧାରିତ ଆସନ ଆବଣ୍ଟନ ପ୍ରସ୍ତାବକୁ ଭାରତ ସମେତ ବ୍ରାଜିଲ, ଜର୍ମାନୀ ଏବଂ ଜାପାନ ବିରୋଧ କରିଛନ୍ତି । ମିଳିତ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପର୍ବଥାନେନି

ହରିଶ୍ କହିଛନ୍ତି ପରିଷଦରେ ସଂସ୍କାର ଆଣିବା ପାଇଁ ଧାର୍ମିକ ସଂପୃକ୍ତି ଭଳି ନୂତନ ମାନଦଣ୍ଡ ପ୍ରସ୍ତାବ ନିରାପତ୍ତା ପରିଷଦ କାର୍ଯ୍ୟାବଳୀର ପରିପନ୍ଥୀ । ନିଉୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟରେ ଗତକାଲି ଏହି ୪ଟି ଦେଶ ପକ୍ଷରୁ ଆନ୍ତଃ ସରକାରୀ ଆଲୋଚନା ଅନୁଷ୍ଠିତ ହୋଇଛି । ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି କହିଛନ୍ତି ଧର୍ମ ନୁହେଁ, ଆଞ୍ଚଳିକ ପ୍ରତିନିଧିତ୍ୱ ହିଁ ପରିଷଦର ସଦସ୍ୟତା ପାଇଁ ପୂର୍ବ ନିର୍ଦ୍ଧାରିତ ଆଧାର ଭାବେ ମାନ୍ୟତା ପାଇଛି । ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ହେବାକୁ ଥିବା ସଦସ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ଗଣତାନ୍ତ୍ରିକ ପଦ୍ଧତିରେ ସାଧାରଣ ସଭା ଦ୍ୱାରା ନିଷ୍ପତ୍ତି ନିଆଯିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ ।

ସୂଚନାଯୋଗ୍ୟ, ନିକଟରେ ତୁର୍କୀର ରାଷ୍ଟ୍ରପତି ରିଶେପ୍ ତାଇପେ ଏର୍ଦୋଗାନ୍ କହିଥିଲେ, ଏକ ଇସ୍‌ଲାମିକ ରାଷ୍ଟ୍ର ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ହେବା ଉଚିତ ।

## ଚାଇନା-ଟ୍ରେଡ୍ ନିଗୋସିଏଟର

ଯୁକ୍ତରାଷ୍ଟ୍ର ଆମେରିକା ସହ ବାଣିଜ୍ୟ ଆଲୋଚନା ପାଇଁ ଚୀନ୍ ଆଜି ଏକ ନୂତନ ଶୀର୍ଷ ଅନ୍ତର୍ଜାତୀୟ ବାଣିଜ୍ୟ ବୁଝାମଣାକାରୀ ନିଯୁକ୍ତ କରିଛି । ଚୀନ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଦୁଇଦେଶ ମଧ୍ୟରେ ୨୦୨୦ରେ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନାରେ ଅଂଶ ଗ୍ରହଣ କରିଥିବା ୱାଙ୍ଗ୍ ସୌ ୱେନ୍‌ଙ୍କ ବଦଳରେ ଏହି ନୂତନ ଆନ୍ତର୍ଜାତିକ ବାଣିଜ୍ୟ ବୁଝାମଣାକାରୀ ଲି ଚେଙ୍ଗ ଗାଙ୍ଗ୍ କାର୍ଯ୍ୟ କରିବେ । ଆମେରିକା ନୂତନ ଶୁଳ୍କ ନୀତି ଲାଗୁ କରିବା ପରିପ୍ରେକ୍ଷୀରେ ଚୀନ୍ ଦ୍ୱାରା ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଚୀନ୍ ସାମଗ୍ରୀ ଆମଦାନୀ ଉପରେ ଆମେରିକା ୧୪୫

ପ୍ରତିଶତ ଶୁଳ୍କ ଲାଗୁ କରିଥିବା ବେଳେ ଅନ୍ୟ ଦେଶଗୁଡ଼ିକ ପାଇଁ ନୂତନ ଶୁଳ୍କ ନୀତି ଲାଗୁ କରିବାରେ ୯୦ ଦିନର ରିହାତି ପ୍ରଦାନ କରିଛି ।

ଅନ୍ୟପକ୍ଷରେ ବୋଇଂ ସହ ହୋଇଥିବା ବିମାନ ଚୁକ୍ତିପତ୍ରରୁ ଚୀନ୍ ପଛଘୁଞ୍ଚା ଦେଉଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅଭିଯୋଗ କରିଛନ୍ତି । ଚୀନ୍ ପକ୍ଷରୁ ସେଠାକାର ଘରୋଇ ବିମାନ ପରିଚାଳନା କମ୍ପାନୀ ଗୁଡ଼ିକୁ ଆମେରିକୀୟ ଏରୋସ୍ପେସ୍‌ଠାରୁ ନୂଆ ବିମାନ କିଣିବା ବନ୍ଦ୍ କରିବାକୁ ଦିଆଯାଇଥିବା ନିର୍ଦ୍ଦେଶ ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଟ୍ରମ୍ପ୍ ଏହା କହିଛନ୍ତି । ଆମେରିକୀୟ କମ୍ପାନୀଠାରୁ ଜେଟ୍‌ର ଯନ୍ତ୍ରାଂଶ ଓ ଉପକରଣ କ୍ରୟ ଉପରେ ମଧ୍ୟ ଚୀନ୍ ନିଷେଧାଦେଶ ଜାରି କରିଛି । ଚୀନ୍ ବିପକ୍ଷରେ ଆମେରିକା ପକ୍ଷରୁ ଲାଗୁ କରାଯାଇଥିବା ନୂତନ ଶୁଳ୍କ ପରିପ୍ରେକ୍ଷୀରେ ବେଜିଂ ଏହି ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି ।

---

# ଫର୍ମର ପେରୁ ପ୍ରେଜ୍-ଜେଲ୍‌ଡ

ବ୍ରାଜିଲ୍‌ର ଏକ ନିର୍ମାର କମ୍ପାନୀ ଓଡେବ୍ରେକ୍ଟ ଠାରୁ ବେଆଇନ ଭାବେ ପ୍ରଚାର ପାଣ୍ଠି ଗ୍ରହଣ କରିବା ଅଭିଯୋଗରରେ ପେରୁର ପୂର୍ବତନ ରାଷ୍ଟ୍ରପତି ଓଲାଣ୍ଟା ହୁମାଲାଙ୍କୁ ୧୫ ବର୍ଷ ଜେଲ୍‌ଦଣ୍ଡାଦେଶ ହୋଇଛି । ଏହି ମାମଲାରେ ସଂପୃକ୍ତ ଥିବା ଅଭିଯୋଗରେ ଶ୍ରୀ ହୁମାଲାଙ୍କ ପତ୍ନୀ ନାଡିନି ହେରେଡିଆଙ୍କୁ ମଧ୍ୟ ୧୫ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି । ଅଦାଲତ ଗତକାଲି ଏହି ଦଣ୍ଡାଦେଶ ପ୍ରଦାନ କରି କହିଛନ୍ତି, ୨୦୧୧ ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ସମୟରେ ଏହି ବେଆଇନ ପାଣ୍ଠି କାରବାର ହୋଇଥିଲା । ଏହି ମାମଲାରେ ୨୦୧୬ରୁ ତଦନ୍ତ ଆରମ୍ଭ ହୋଇଥିଲା । ୩ ବର୍ଷର ଶୁଣାଣି ପରେ ଅଦାଲତ ଏହି ରାୟ ପ୍ରଦାନ କରିଛନ୍ତି ।

ସୂଚନାଯୋଗ୍ୟ, ଓଡେବ୍ରେକ୍ଟ ଦୁର୍ନୀତି ମାମଲାରେ ଜେଲ୍ ଦଣ୍ଡାଦେଶ ପାଇବାରେ ହୁମାଲା ହେଉଛନ୍ତି ପେରୁର ଦ୍ୱିତୀୟ ପୂର୍ବତନ ରାଷ୍ଟ୍ରପତି ।

## ଛତିଶଗଡ଼-ଏନକାଉଣ୍ଟର

ଛତିଶଗଡ଼ର ବସ୍ତର ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ସହ ଗୁଳି ବିନିମୟରେ ୨ ଜଣ ମାଓବାଦୀ ନିହତ ହୋଇଛନ୍ତି । ଏହି ଦୁଇ ମାଓବାଦୀଙ୍କ ଉପରେ ମୋଟ୍ ୧୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । କୋଣ୍ଡା ଗାଁ, ଏବଂ ନାରାୟଣପୁର ଜିଲ୍ଲାର ସୀମାନ୍ତରେ ଥିବା କିଲାମ-ବରଗୁଣ୍ଡ ଗ୍ରାମ ଜଙ୍ଗଲ ଅଞ୍ଚଳରେ ସୁରକ୍ଷା ବାହିନୀ ପକ୍ଷରୁ ଗତ ସନ୍ଧ୍ୟାରେ ତଲାସୀ ଅଭିଯାନ ଚାଲିଥିବା ବେଳେ ଏହି ଗୁଳି ବିନିମୟ ହୋଇଥିଲା ।ବସ୍ତର ରେଞ୍ଜ୍‌ର ପୋଲିସ୍ ଆଇ.ଜି. ସୁନ୍ଦର ରାଜ ପି. ଏ ସଂପର୍କରେ ସୂଚନା ଦେଇ କହିଛନ୍ତି, ଘଟଣାସ୍ଥଳରୁ ଦୁଇ ମାଓବାଦୀଙ୍କ ମୃତଦେହ ସହ ଏକେ-୪୭ ରାଇଫଲ୍ ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ସେଠାରେ ନକ୍ସଲ ବିରୋଧୀ ଏବେ ମଧ୍ୟ ଜାରି ରହିଥିବା ସେ ସୂଚନା ଦେଇଛନ୍ତି ।

## ଜେକେ-ଏନ୍ଆଇଏ

ଜାମ୍ମୁ କାଶ୍ମୀରର ସୀମାନ୍ତ ଜିଲ୍ଲା ପୁଞ୍ଚ୍‌ରେ ଅସ୍ତ୍ରଶସ୍ତ୍ର ଜବତ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍ଆଇଏ ୩ ଜଣ କଥିତ ଅଭିଯୁକ୍ତଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରିଛି । ସେମାନଙ୍କ ମଧ୍ୟରେ ଏହି ମାମଲାରେ ସଂପୃକ୍ତ ଥିବା ଜଣେ ପାକିସ୍ତାନୀ ନାଗରିକ ଅନ୍ତର୍ଭୁକ୍ତ ଥିବା ଜଣାପଡ଼ିଛି । ଜାମ୍ମୁର ଏକ ସ୍ୱତନ୍ତ୍ର ଏନ୍ଆଇଏ ଅଦାଲତରେ ସେମାନଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରାଯାଇଛି । ବିଏନ୍ଏସ୍-୨୦୨୩ ଆଇନର ଧାରା ୬୧ ଉପଧାରା ୨ ଏବଂ ବେଆଇନ କାର୍ଯ୍ୟକଳାପ

ନିବାରଣ ଆଇନ ଅନୁଯାୟୀ ଏହି ମାମଲା ରୁଜୁ କରାଯାଇଛି ବୋଲି ଏନ୍‌ଆଇଏ ସୂଚନା ଦେଇଛି । ଏନ୍‌ଆଇଏ କହିଛି, ଜାମ୍ମୁ କାଶ୍ମୀରରେ ସାଂପ୍ରଦାୟିକ ସଦ୍‌ଭାବ ଏବଂ ଶାନ୍ତି ଭଙ୍ଗ କରିବା ଉଦ୍ଦେଶ୍ୟରେ ସୀମାପାର ଷଡ଼ଯନ୍ତ୍ର ରଚାଯାଇଥିବା ଜଣାପଡ଼ିଛି ।

---

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଦିଲ୍ଲୀ କ୍ୟାପିଟାଲ୍‌ସ ଓ ରାଜସ୍ଥାନ ରୟାଲ୍‌ସ ମଧ୍ୟରେ ମୁକାବିଲା ହେବ । ନୂଆଦିଲ୍ଲୀ ସ୍ଥିତ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ ।

ଗତକାଲିର ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ କୋଲକାତା ନାଇଟ୍ ରାଇଡର୍ସଙ୍କୁ ୧୬ ରନ୍‌ରେ ପରାସ୍ତ କରିଥିଲା ।

---